# NATIONAL NEWS BULLETIN (ODIA)

**11 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଶକ୍ତିକେନ୍ଦ୍ରରେ ପରିଣତ ହେବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ନେବ, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ଅଙ୍ଗାରକାମ୍ଳ ହ୍ରାସ ଦିଗରେ ସବୁଜ ହାଇଡ୍ରୋଜେନର ପ୍ରଭାବକୁ ବ୍ୟାପକ କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ

- ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ପୁରସ୍କାର ୨୦୨୪ ପ୍ରଦାନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ଜାମ୍ମୁ କାଶ୍ମୀରର କିସ୍ତୱାଡ ଅନ୍ତର୍ଗତ ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର ଜୋରଦାର ।

ଏବଂ

- ଭିଏତନାମରେ ଘୂର୍ଣ୍ଣିଝଡ଼ **ୟାଗି** ପ୍ରଭାବରେ ୧୪୧ ଜଣଙ୍କର ପ୍ରାଣହାନୀ, ୫୯ ଜଣ ନିଖୋଜ

## ପ୍ରଧାନମନ୍ତ୍ରୀ-ସେମିକନ୍

ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଶକ୍ତିକେନ୍ଦ୍ରରେ ପରିଣତ ହେବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ନେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀ କହିଛନ୍ତି । ଗ୍ରେଟର ନଏଡା ଠାରେ ସେମିକନ୍ ଇଣ୍ଡିଆ ୨୦୨୪କୁ ଆଜି ଉଦ୍‌ଘାଟନ କରି ସେ କହିଛନ୍ତି ବର୍ତ୍ତମାନର ଯୁଗ ହେଉଛି ସିଲିକନ୍ କୂଟନୀତିର । ଦେଶରେ ଚିପ୍ ଉତ୍ପାଦନ କ୍ଷେତ୍ରରେ ଭାରତ ସରକାର ଲକ୍ଷ୍ୟ ରଖିଛନ୍ତି । ପ୍ରତ୍ୟେକ ଯନ୍ତ୍ରରେ ଭାରତ ନିର୍ମିତ ଚିପ୍‌କୁ ସନ୍ନିବେଶିତ କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଦେଶରେ ଇଲେକଟ୍ରାନିକ୍ସ ଓ ସେମିକଣ୍ଡକ୍ଟର ଶିଳ୍ପକୁ ତ୍ୱରାନ୍ୱିତ କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଚଳିତ ଦଶନ୍ଧି ଶେଷ ସୁଦ୍ଧା ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ର ୫ଶହ ବିଲିୟନ୍ ଡଲାରରେ ପହଞ୍ଚିବ ବୋଲି ଲକ୍ଷ୍ୟ ରଖାଯାଇଛି । ଫଳରେ ୬୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଡିଜିଟାଲ ଇଣ୍ଡିଆ ଟେଲିକମ୍ ମାଧ୍ୟମରେ ଭାରତ ସବୁ ନାଗରିକଙ୍କ ପାଇଁ ପ୍ରଯୁକ୍ତିକୁ  ନିକଟତର କରାଇପାରିଛନ୍ତି ।

## ପିଏମ୍-ଗ୍ରୀନ୍ ହାଇଡ୍ରୋଜେନ୍

ସାଂପ୍ରତିକ ସ୍ଥିତିରେ ଜଳବାୟୁ ପରିବର୍ତ୍ତନ ଏବଂ ଶକ୍ତିକ୍ଷେତ୍ରରେ ଦେଖାଦେଇଥିବା ସଂକଟ ବିଶ୍ୱବ୍ୟାପୀ ଉଦ୍‌ବେଗ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଅଙ୍ଗାରକାମ୍ଳ ହ୍ରାସ ଦିଗରେ ସବୁଜ ହାଇଡ୍ରୋଜେନର ପ୍ରଭାବକୁ ବ୍ୟାପକ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ସବୁଜ ହାଇଡ୍ରୋଜେନ ଉପରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସମ୍ମିଳନୀକୁ ଭର୍ଚୁଆଲ ମାଧ୍ୟମରେ ସମ୍ବୋଧନ କରିବା ଅବସରରେ

ଆନ୍ତର୍ଜାତିକ ସହଯୋଗ ମାଧ୍ୟମରେ ସବୁଜ ହାଇଡ୍ରୋଜେନ ଉତ୍ପାଦନ କରାଯିବା ସହ ଏ ସଂକ୍ରାନ୍ତ ଭିତ୍ତିଭୂମିକୁ ତ୍ୱରାନ୍ୱିତ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

ଜଳବାୟୁ ପରିବର୍ତ୍ତନ ଭବିଷ୍ୟତ ପାଇଁ ଯେ କେବଳ ବିପଦ ସୃଷ୍ଟି କରୁଛି ତାହା ନୁହେଁ, ତା'ର ପ୍ରଭାବ ଏବେଠୁ ଅନୁଭୂତ ହେଲାଣି । ଶକ୍ତି ସଂକଟ ଦୂର କରି ସବୁଜ ହାଇଡ୍ରୋଜେନ କ୍ଷେତ୍ରରେ ନିରନ୍ତରତା ବଜାୟ ରଖିବା ଦିଗରେ ସାମୂହିକ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସବୁଜ ଗ୍ରହ ସୃଷ୍ଟି କରିବା ଦିଗରେ ଭାରତ ପ୍ରତିଶ୍ରୁତିବଦ୍ଧତାକୁ ସେ ଦୋହରାଇଛନ୍ତି । ସବୁଜ ଶକ୍ତି ଦିଗରେ ଭାରତ ଜି-୨୦ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପ୍ରଥମ ଦେଶ ଭାବେ ପ୍ୟାରିସ୍ ରାଜିନାମାକୁ ପାଳନ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି । ଏଥିପାଇଁ ଥିବା ୨୦୩୦ ଲକ୍ଷ୍ୟ ପୂରଣର ୯ ବର୍ଷ ପୂର୍ବରୁ ଭାରତ ଏ ଦିଗରେ ପଦକ୍ଷେପ ନେବାରେ ସଫଳ ହୋଇଛି । ଗତ ୧୦ ବର୍ଷ ମଧ୍ୟରେ ଭାରତର ଅଣଜୀବାଶ୍ମ ଇନ୍ଧନ କ୍ଷମତା ପ୍ରାୟ ୩୦୦ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ସୌରଶକ୍ତି କ୍ଷମତା ମଧ୍ୟ ୩ ହଜାରରୁ ଅଧିକ ପ୍ରତିଶତ ବଢ଼ିବା ଉଲ୍ଲେଖନୀୟ ଘଟଣା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତ କେବଳ ଏତିକି ସଫଳତା ଭିତରେ ରହିନାହିଁ, ଏ କ୍ଷେତ୍ରରେ ଆଉ ଅଭିନବ ପଦକ୍ଷେପ ନେବାରେ ପ୍ରୟାସରତ ରହିଛି । ବିଶ୍ୱ ଶକ୍ତି ଦୃଶ୍ୟପଟରେ ସବୁଜ ହାଇଡ୍ରୋଜେନ୍‌ର ମହତ୍ୱପୂର୍ଣ୍ଣ ଯୋଗଦାନ ରହିଥିବା ବିଷୟ ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି । ଶିଳ୍ପ ଗୁଡ଼ିକରୁ ଅଙ୍ଗାରକାମ୍ଳ ହ୍ରାସ ହେବାରେ ସବୁଜ ହାଇଡ୍ରୋଜେନ୍ ବିଶେଷ ସହାୟକ ହେଉଛି ବୋଲି

ପ୍ରଧାନମନ୍ତ୍ରୀ କହିଛନ୍ତି । ଉଲ୍ଲେଖଯୋଗ୍ୟ, ଭାରତ ୨୦୨୩ରେ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନର ଶୁଭାରମ୍ଭ କରିଥିଲା ।

ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ, ଉପଯୋଗିତାକୁ ବ୍ୟାପକ କରି ଭାରତକୁ ଏ କ୍ଷେତ୍ରରେ ବିଶ୍ୱ କେନ୍ଦ୍ରରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଭାରତ ଗବେଷଣା ଓ ବିକାଶ ଦିଗରେ ବ୍ୟାପକ ପୁଞ୍ଜି ନିବେଶ କରିଚାଲିଛି । ଶିଳ୍ପ ଓ ଶୈକ୍ଷିକ ଭାଗିଦାରୀତା ଯୋଗୁଁ ଏ ଦିଗରେ ଷ୍ଟାର୍ଟଅପ୍ ଏବଂ ଔଦ୍ୟୋଗିକ ବିକାଶ ତ୍ୱରାନ୍ୱିତ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପ୍ରେଜ୍-ଫ୍ଲୋରେନ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନଠାରେ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ପୁରସ୍କାର ୨୦୨୪ ପ୍ରଦାନ କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ୧୯୭୩ ମସିହାରେ ଏହି ପୁରସ୍କାର ପ୍ରଦାନ ଆରମ୍ଭ ହୋଇଥିଲା । ନର୍ସମାନଙ୍କର ଉଲ୍ଲେଖନୀୟ ସେବା ପାଇଁ ନାଇଟିଙ୍ଗେଲ୍ ପୁରସ୍କାର ପ୍ରଦାନ କରାଯାଇଥାଏ । ଓଡ଼ିଶାର ମାଲକାନଗିରି ଜିଲ୍ଲା ମୁଖ୍ୟଚିକିତ୍ସାଳୟର ନର୍ସିଂ ଅଫିସର ସଂଯୁକ୍ତା ସେଠୀଙ୍କୁ ଏହି ପୁରସ୍କାର ମିଳିଥିବା ଜଣାଯାଇଛି ।

## ଜେକେ ଫାୟାରିଂ

ଜାମ୍ମୁ କାଶ୍ମୀରରେ ଆଜି ଭୋର ସମୟରେ ପାକିସ୍ତାନ ସେନା ଯୁଦ୍ଧ ବିରତି ଉଲ୍ଲଂଘନ କରି ଭାରତୀୟ ସେନା ଉପରେ ଗୁଳି ଚାଳନା କରିଛି ।

ଏଥିରେ ବିଏସଏଫ୍‌ର ଜଣେ ଯବାନ ଆହତ ହୋଇଥିବା ଜଣାପଡ଼ିଛି । ପାକିସ୍ତାନ ସେନା ଆକ୍ରମଣର ଜବାବରେ ଭାରତୀୟ ସେନା ପ୍ରତିଆକ୍ରମଣ କରିଥିଲା । କିନ୍ତୁ ପାକିସ୍ତାନର କେହି ଆହତ ହୋଇଥିବା ସଂପର୍କରେ ସଠିକ୍ ସୂଚନା ମିଳିନାହିଁ। ବିଏସଏଫ୍‌ର ଜନୈକ ମୁଖପାତ୍ର କହିଛନ୍ତି ରାତି ପ୍ରାୟ ୨ଟା ୩୫ ମିନିଟ୍ ସମୟରେ ସୀମାନ୍ତବର୍ତ୍ତୀ ଅଖ୍‌ନୋର ସେକ୍ଟର ଅଞ୍ଚଳରେ ପାକିସ୍ତାନ ପକ୍ଷରୁ ଗୁଳି ଚାଳନା କରାଯାଇଥିଲା । ବିଏସଏଫ୍ ଯବାନମାନେ ତା'ର ଉଚିତ ଜବାବ ମଧ୍ୟ ଦେଇଥିଲେ । ଆନ୍ତର୍ଜାତିକ ସୀମା ଏବଂ ନିୟନ୍ତ୍ରଣରେଖା ନିକଟରେ ଭାରତୀୟ ସେନା ସଜାଗ ହୋଇ ରହିଥିବା ସଂପର୍କରେ ସେ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ୨୦୨୧ ମସିହା ଫେବୃୟାରୀ ୨୫ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବିରତି ଉଲ୍ଲଂଘନ ବୁଝାମଣା ଅନୁଷ୍ଠିତ ହୋଇଥିଲା ।

## ଜେକେ କ୍ୟାମ୍ପେନ୍

ଜାମ୍ମୁ କାଶ୍ମୀରର କିସ୍ତୱାଡର ଚେନାବ ଉପତ୍ୟକା, ଡୋଡା ଏବଂ ରାମ୍‌ବନ୍‌ର ୩ଟି ଜିଲ୍ଲା ଅନ୍ତର୍ଗତ ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧୮ ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବ । ଏଥିନିମନ୍ତେ ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଛି । ଆସନ୍ତା ୧୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡୋଡାସ୍ଥିତ ସ୍ପୋର୍ଟସ୍ ଷ୍ଟାଡିୟମଠାରେ ନିର୍ବାଚନୀ ର୍‍ୟାଲିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଡୋଡାଠାରେ ମଧ୍ୟ

ନିର୍ବାଚନ ପ୍ରଚାର କରିବେ । କଂଗ୍ରେସ ପକ୍ଷରୁ ଇମ୍ରାନ ପ୍ରତାପ ଗଡି ଆସନ୍ତା ୧୩ ତାରିଖରେ ଚାରୁଆକାହାରା ଠାରେ ନିର୍ବାଚନ ର୍ୟାଲିରେ ଅଂଶ ଗ୍ରହଣ କରିବେ । ଜାତୀୟ କନ୍‌ଫରେନ୍ସ ଦଳ ନେତା  ଉମର ଅବଦୁଲ୍ଲା ମଧ୍ୟ ଡୋଡାଠାରେ ଆସନ୍ତା କାଲି ନିର୍ବାଚନ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି ।

# କଛ୍-ଫେଭର ଡେଥ୍

ଗୁଜରାତର କଛ୍ ଅନ୍ତର୍ଗତ ଆଦାସା ଏବଂ ଲଖପତ ଅଞ୍ଚଳରେ ଅଜଣା ଜ୍ୱରରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ରାଜ୍ୟ ସରକାର ସୁନିଶ୍ଚିତ କରିଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ରୁଷୀକେଶ ପଟେଲ କଚ୍ଛ ଅଞ୍ଚଳ ଗସ୍ତ କରି ସନ୍ଦିଗ୍ଧ ୧୬ଜଣଙ୍କ ମଧ୍ୟରୁ ୧୧ ଜଣଙ୍କର ଅଜଣା ଜ୍ୱରରେ ମୃତ୍ୟୁ ଘଟିଥିବା ଗଣମାଧ୍ୟମକୁ କହିଛନ୍ତି । ଅନ୍ୟ ୫ ଜଣଙ୍କର ବିଭିନ୍ନ ରୋଗରେ ମୃତ୍ୟୁ ଘଟିଥିବା ସେ କହିଛନ୍ତି । ଏହି ଅଜଣା ଜ୍ୱରରେ ଆକ୍ରାନ୍ତ ହେଉଥିବା ଲୋକଙ୍କ ଚିକିତ୍ସା ନିମନ୍ତେ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସେ କହିଛନ୍ତି । ପ୍ରଭାବିତ ଅଞ୍ଚଳରେ ସର୍ବେକ୍ଷଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି  ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

# ଆଇଏମ୍‌ଡି ଓ୍ୱେଦର

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରାଜସ୍ଥାନ, ମଧ୍ୟପ୍ରଦେଶ, ବିଦର୍ଭ, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ସୂଚନା ଦିଆଯାଇଛି ।

ମଧ୍ୟପ୍ରଦେଶର ଉତ୍ତର ପୂର୍ବାଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଲଘୁଚାପ ବଳୟ ସୃଷ୍ଟି ହୋଇଛି ଏବଂ ଏହା ଅଧିକ ଘନୀଭୂତ ହୋଇ ଉତ୍ତର ମଧ୍ୟପ୍ରଦେଶ ଏବଂ ତତ୍‌ସଂଲଗ୍ନ ଉତ୍ତରପ୍ରଦେଶର କେନ୍ଦ୍ରାଞ୍ଚଳ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ଆଗାମୀ ୬ ଦିନ ମଧ୍ୟରେ ଆସାମ, ମେଘାଳୟ ଏବଂ ଅରୁଣାଚଳ ପ୍ରଦେଶରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ସୂଚନା ଦିଆଯାଇଛି । ସେହିପରି ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୧୪ରୁ ୧୬ ତାରିଖ ମଧ୍ୟରେ ଛତିଶଗଡ଼ରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଦିଆଯାଇଛି ।

# ଭିଏତନାମ ୟାଗି

ଭିଏତନାମରେ ଘୂର୍ଣ୍ଣିଝଡ଼ **ୟାଗି** ପ୍ରଭାବରେ ସଂଘଟିତ ବନ୍ୟା ଏବଂ ଭୂସ୍ଖଳନରେ ୧୪୧ ଜଣଙ୍କର ମୃତ୍ୟୁ ହେବା ସହ ୫୯ ଜଣ ନିଖୋଜ ଅଛନ୍ତି । ଭିଏତନାମର ଜାତୀୟ ଜଳ- ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ରାଜଧାନୀ ହାନୋଇଠାରେ ପ୍ରବାହିତ ରେଡ୍ ରିଭର୍‌ରେ ଜଳସ୍ତର ବିପଦ ସଂକେତ ଠାରୁ ଉର୍ଦ୍ଧ୍ୱରେ ରହିଛି । ସେହିପରି କେନ୍ଦ୍ର ପକ୍ଷରୁ ଥାଓ ନଦୀରେ ମଧ୍ୟ ଜଳସ୍ତର ଅଧିକ ବୃଦ୍ଧି ପାଇବ ବୋଲି ସତର୍କ ସୂଚନା ଜାରି କରାଯାଇଛି । ଭିଏତନାମ ଉତ୍ତର ପୂର୍ବାଞ୍ଚଳ ଉପକୂଳରେ ଗତ ଶନିବାର ଦିନ ହୋଇଥିବା ଘୂର୍ଣ୍ଣିଝଡ଼ ପ୍ରଭାବରେ ଭୂସ୍ଖଳନ ହୋଇଥିଲା । ଫଳରେ ସେଠାକାର ଶିଳ୍ପାଞ୍ଚଳ ଏବଂ ଜନବସତି ଅଞ୍ଚଳରେ ପ୍ରବଳ ବର୍ଷା ହେବା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହାପୂର୍ବରୁ ଫିଲିପାଇନ୍ସ

ଏବଂ ହାଇନାନ୍‌ର ଦକ୍ଷିଣାଞ୍ଚଳରେ ମଧ୍ୟ ଘୂର୍ଣ୍ଣିଝଡ଼ ହୋଇଥିବା ସୂଚନା ଦିଆଯାଇଛି ।

## ହକି-ଏସିଆନ୍ ଚାମ୍ପିୟନ୍‌ସିପ୍

ଚୀନ୍‌ର ହୁଲୁନ୍‌ବୁର୍ ଠାରେ ଚାଲିଥିବା ପୁରୁଷ ଏସୀୟ ହକି ଚାମ୍ପିୟନ୍‌ସିପ୍ ପ୍ରତିଯୋଗୀତାରେ ଆଜି ଭାରତ ଏବଂ ମାଲେସିଆ ମଧ୍ୟରେ ମୁକାବିଲା ହେବ । ପୂର୍ବ ମ୍ୟାଚ୍ ଗୁଡ଼ିକରେ ଭାରତ’ ଚୀନ୍‌କୁ ୩-୦ ଏବଂ ଜାପାନ୍‌କୁ ୫-୧ ଗୋଲ୍‌ରେ ପରାସ୍ତ କରିଛି । ଗ୍ରୁପ୍ ପର୍ଯ୍ୟାୟ ତାଲିକାରେ ଭାରତ ଏହି ଦୁଇଟି ବିଜୟ ସହ ୬ ପଏଣ୍ଟ ପାଇ ଶୀର୍ଷରେ ରହିଛି । ରାଉଣ୍ଡ ରବିନ୍ ଲିଗ୍ ଫର୍ମାଟ୍‌ରେ ଚାଲିଥିବା ଏହି ମ୍ୟାଚ୍‌ରେ ଗ୍ରୁପ୍ ପର୍ଯ୍ୟାୟର ତାଲିକାର ପ୍ରଥମ ଚାରୋଟି ସ୍ଥାନରେ ଥିବା ଦଳ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେବେ । ୧୬ ତାରିଖ ଦିନ ସେମିଫାଇନାଲ୍ ଏବଂ ୧୭ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

## ଚେସ୍ ଅଲମ୍ପିଆଡ୍

୪୫ତମ ଫିଡେ ଚେସ୍ ଅଲମ୍ପିଆଡ୍ ପ୍ରତିଯୋଗିତା ହଙ୍ଗେରୀର ରାଜଧାନୀ ବୁଦାପେଷ୍ଟ ଠାରେ ଆଜିଠାରୁ ଆରମ୍ଭ ହେଉଛି । ୧୯୩ଟି ରାଷ୍ଟ୍ରର ୧୮୦୦ ପ୍ରତିଯୋଗୀ ଏଥିରେ ଭାଗ ନେଉଛନ୍ତି । ମହିଳା ବର୍ଗ ପ୍ରତିଯୋଗିତାରେ ୧୮୧ ଜଣ ଅଂଶଗ୍ରହଣ କରୁଛନ୍ତି । ଭାରତ ଏହି ପ୍ରତିଯୋଗିତାରେ ଏକ ଦୃଢ଼ ଦଳ ଭାବେ ଅଂଶଗ୍ରହଣ କରୁଛି ।

ଡି.ଗୁକେଶ, ଅର୍ଜୁନ ଏରିଗେଇସି, ଆର୍. ପ୍ରଗ୍ନାନ୍ଧା, ବିଦିତ୍ ଗୁଜୁରାଠୀ, ପି. ହରିକ୍ରିଷ୍ଣନ୍ ଭାରତୀୟ ଦଳର ପ୍ରତିନିଧିତ୍ୱ କରୁଛନ୍ତି । ସେହିପରି ଭାରତ ପକ୍ଷରୁ ମହିଳା ଦଳରେ ଦ୍ରୋନାଭାଲି ହରିକା, ଆର୍. ବୈଶାଳୀ, ଦିବ୍ୟା ଦେଶମୁଖ, ଭକ୍ତିକା ଅଗ୍ରୱାଲ ଏବଂ ତାନିଆ ସଚଦେବ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି । ଏହି ପ୍ରତିଯୋଗିତାର ପୂର୍ବ ସଂସ୍କାରଣ ଭାରତରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓପନ୍ ଏବଂ ମହିଳା ବର୍ଗରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା ।